# OFSDP

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
## ପ୍ରକଳ୍ପ ସୂଚନାପତ୍ର

ଭାଗ – ୪/ସଂସ୍କରଣ – ୧ | ଜାନୁୟାରୀ–ମାର୍ଚ୍ଚ, ୨୦୧୦


## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ପ୍ରକଳ୍ପ ପଞ୍ଚମ ବର୍ଷରେ ପଦାର୍ପଣ କରିଛି । ଚାରି ବର୍ଷର କାର୍ଯ୍ୟକାରିତା ପରେ ସମସ୍ତ ଅଞ୍ଚଳରେ ବିକାଶର ଧାରା ବଜାୟ ରଖାଯାଇପାରିଛି । ୧୧ଟି ବନଖଣ୍ଡର ୨୦୪୪ ବନ ସଂରକ୍ଷଣ ସମିତିରେ ଓ ୩ଟି ବନ୍ୟପ୍ରାଣୀ ବନଖଣ୍ଡର ୩୧ଟି ପରିବେଶ ବିକାଶ କ୍ଲବ୍‌ରେ କାର୍ଯ୍ୟକ୍ରମ ଚାଲୁ ରହିଛି । ପ୍ରଥମ ଓ ଦ୍ୱିତୀୟ ଦଫାର ୧୨୬୨ ସ୍ଥାନରେ କାର୍ଯ୍ୟକଳାପ ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିଥିବାବେଳେ, ତୃତୀୟ ଦଫାର ୭୬୪ଟି ଯୁଗ୍ମ ବନ ପରିଚାଳନା ସ୍ଥାନରେ ଅଣୁ ଯୋଜନା ପ୍ରସ୍ତୁତି ପରେ କାର୍ଯ୍ୟ ପ୍ରାଥମିକସ୍ତରରେ ପହଞ୍ଚିଛି । ପ୍ରଥମ ଓ ଦ୍ୱିତୀୟ ଦଫାର କାର୍ଯ୍ୟପ୍ରଣାଳୀରୁ ପ୍ରାପ୍ତ ଅଭିଜ୍ଞତାଭିତ୍ତିରେ ପ୍ରକଳ୍ପ ଏକ ନୂତନ ଧାରାର ଆରମ୍ଭ କରିଛି ତାହା ହେଉଛି ପୁନର୍ବାର ଅଣୁ ଯୋଜନାଗୁଡ଼ିକର ପରିଦର୍ଶନ କରିବା, ଯଦ୍ୱାରା ଜଙ୍ଗଲ ଉପଚାର ଜୀବିକା ନିର୍ବାହ ଆବଶ୍ୟକତା ପ୍ରତି ଅଧିକ ଉତ୍ତରଦାୟୀ ହୋଇପାରିବ ।

ଜୀବିକା ନିର୍ବାହ ପ୍ରୋତ୍ସାହନ କାର୍ଯ୍ୟକଳାପଗୁଡ଼ିକ ବିଭିନ୍ନସ୍ତରରେ ରହିଛି । ଏହାକୁ ସରକାରଙ୍କ ଅନ୍ୟାନ୍ୟ ପ୍ରଚଳିତ କାର୍ଯ୍ୟକ୍ରମ ଓ ସହଯୋଗ ବ୍ୟବସ୍ଥା ସହ ଏକାଭିମୁଖୀକରଣ କରିବା ପାଇଁ ଗୋଷ୍ଠୀକୁ ପ୍ରସ୍ତୁତ କରାଯାଉଛି । ଦୀର୍ଘମିଆଦି ପ୍ରତିପାଳନକୁ ଦୃଷ୍ଟିରେ ରଖି ବନ ସଂରକ୍ଷଣ ସମିତି କାର୍ଯ୍ୟାଳୟକୁ ଗ୍ରାମ୍ୟ ସମ୍ବଳ କେନ୍ଦ୍ରଭାବେ ବିକଶିତ କରିବା ଉପରେ ପ୍ରକଳ୍ପ ଗୁରୁତ୍ୱ ଦେଉଛି ।

ବନ ସଂରକ୍ଷଣ ସମିତି ଓ ସହଯୋଗୀ ବେସରକାରୀ ସଙ୍ଗଠନଗୁଡ଼ିକ ଅନେକ ଭଲ କାର୍ଯ୍ୟ କରୁଛନ୍ତି । ରାୟଗଡ଼ାର ଏକ ସହଯୋଗୀ ବେସରକାରୀ ସଙ୍ଗଠନ ୨୦ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲା । ଏହି ଶ୍ରମିକମାନଙ୍କୁ ଶ୍ରମିକ ଠିକାଦାର ବିଭିନ୍ନ ରାଜ୍ୟକୁ ପଠାଇ ଦେଇଥିଲା ଏବଂ ସେମାନଙ୍କୁ ଶୋଷଣ କରାଯାଉଥିଲା । ଏହି ଶ୍ରମିକମାନେ ଏବେ ଓଏଫଏସଡିପି ତଥା ଅନ୍ୟ ସରକାରୀ ଯୋଜନାରୁ ସେମାନଙ୍କ ଜୀବିକା ଉପାର୍ଜନ କରୁଛନ୍ତି । ବହୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ରାଜ୍ୟସ୍ତରୀୟ ଆଦିବାସୀ ମେଳାରେ ଭାଗ ନେବାକୁ ସୁବିଧା ପ୍ରଦାନ କରାଯାଇଥିଲା ସେମାନେ ସେଠାରେ ୨.୨୫ ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରି କରିଥିଲେ । ଏହା ସ୍ୱୟଂ ସହାୟକ ଗୋଷ୍ଠୀ ସାମଗ୍ରୀ ପାଇଁ ଏକ ଅନନ୍ୟ ସ୍ଥାନ ଥିଲା ।

ଆୟକାରୀ କାର୍ଯ୍ୟକଳାପ ମାଧ୍ୟମରେ ପ୍ରାୟ ୧୫୦୦ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ପସନ୍ଦର କାର୍ଯ୍ୟ ପାଇଁ ବନ ସଂରକ୍ଷଣ ସମିତି ଆବର୍ତ୍ତନ ପାଣ୍ଠିରୁ ଋଣ ନେଇଛନ୍ତି । ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନେ ସେମାନଙ୍କ ଆୟ ଓ ଉଦ୍ୟୋଗ କୌଶଳ ବୃଦ୍ଧି କରିପାରୁଛନ୍ତି, ଏବଂ ଏହାଦ୍ୱାରା ପ୍ରକଳ୍ପରେ ସାମୂହିକ ଆୟକାରୀ କାର୍ଯ୍ୟକଳାପ ପାଇଁ ଦିଗ୍‌ଦର୍ଶନ ମଧ୍ୟ ମିଳୁଛି ।

ଦ୍ୱିତୀୟ ବାର୍ଷିକ ସମୀକ୍ଷା ବୈଠକ ସମୀକ୍ଷା–୨୦୦୯ରେ ବନ ସଂରକ୍ଷଣ ସମିତି ପ୍ରତିନିଧିମାନଙ୍କ ଠାରୁ ମିଳିଥିବା ମତାମତ ଅତି ଉତ୍ସାହଜନକ ଥିଲା । ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ନେଇ ତୃଣମୂଳସ୍ତର ଚିନ୍ତା ଓ ପ୍ରତିବଦ୍ଧତାକୁ ଏହା ପ୍ରଦର୍ଶିତ କରୁଥିଲା । ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ନେଇ ମୁଁ ସେମାନଙ୍କ ପ୍ରତି କୃତଜ୍ଞ ଓ ଆଶା କରୁଛି ଆଗାମୀ ଦିନରେ ଶୀଘ୍ର ଜଙ୍ଗଲ ଜୀବିକା ନିର୍ବାହ ସମୃଦ୍ଧ ହୋଇପାରିବ ।


**ଅରୁଣ କୁମାର ବଂସଲ,** ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ
ପ୍ରକଳ୍ପ ନିର୍ଦ୍ଦେଶକ




## ଦାଦନ ଶ୍ରମିକ ଉଦ୍ଧାର

ରାୟଗଡ଼ା ବନଖଣ୍ଡ ଅନ୍ତର୍ଗତ ଟିକିରି କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଥିବା ଆମର ସହଯୋଗୀ ବେସରକାରୀ ସଙ୍ଗଠନ ୨୦ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ନୂତନ କାର୍ଯ୍ୟ କରିପାରିଛି । ସମ୍ପୃକ୍ତ ଶ୍ରମିକମାନେ ନିଜ ଘରଠାରୁ ଦୂର ଦେଶର ବିଭିନ୍ନ ଭାଗରେ ପ୍ରାୟ ନଅ ମାସ ଧରି ରହିଥିଲେ । ତଥାକଥିତ ଶ୍ରମିକ ଦଲାଲମାନେ ସେମାନଙ୍କୁ ବ୍ୟାପକଭାବେ ଶୋଷଣ କରୁଥିଲେ ବୋଲି ପୀଡ଼ିତ ଶ୍ରମିକମାନେ ପ୍ରକାଶ କରିଛନ୍ତି । ଦାଦନ ଶ୍ରମିକମାନେ ବାରିଙ୍ଗିପଦର ଗ୍ରାମର ଓ ଗୋରଖପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ।

ଏହି ଗ୍ରାମବାସୀଙ୍କୁ ଦଲାଲ (ଠିକାଦାର) ଅଧିକ ମଜୁରୀରେ ଅଧିକ ଆୟର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲା । ପରେ ସେ ସେମାନଙ୍କୁ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଠାରେ ଅନ୍ୟ ଜଣେ ଠିକାଦାର ମନୁ ପ୍ରଧାନକୁ ଦେଇଦେଇଥିଲା । ସେମାନେ ମନୁର ଫାର୍ମ ହାଉସରେ ମାଗଣାରେ ଚାରିଦିନ ଖଟିଥିଲେ । ପରେ ମନୁ ସେମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ଅନ୍ୟ ଜଣେ ଠିକାଦାରକୁ ହସ୍ତାନ୍ତର କରିଥିଲା । ସେହି ଠିକାଦାର ଗୋଟିଏ ଦଳକୁ ରାଜସ୍ଥାନ, ଦ୍ୱିତୀୟ ଦଳକୁ ହାଇଦରାବାଦ ଓ ତୃତୀୟ ଦଳକୁ କର୍ଣ୍ଣାଟକର ବେଲାରିକୁ ପଠାଇଥିଲା, ଯେଉଁଠାରେ ସେମାନେ ପ୍ରତିଦିନ ପ୍ରାୟ ୧୨ ଘଣ୍ଟା କାମ କରୁଥିଲେ ।

ବେସରକାରୀ ସଙ୍ଗଠନର ଦଳ ବନ ସଂରକ୍ଷଣ ସମିତି ସଭ୍ୟଙ୍କ ସହ ମିଶି ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ବିଭିନ୍ନସ୍ତରରେ ଅଧିକାରୀମାନଙ୍କ ପାଖରେ ଏହାକୁ ବାରବାର ଉଠାଇଥିଲେ । ରାୟଗଡା ଜିଲ୍ଲାପାଳ ଏହି ମାମଲାକୁ ବାଲୁଗାଁସ୍ଥିତ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖକୁ ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇଥିଲେ । ବାଲୁଗାଁ ଶ୍ରମ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରମିକମାନଙ୍କୁ ଖୋଜିବା ଆରମ୍ଭ କରିଦେଇଥିଲେ । ଏହି ସମ୍ମିଳିତ ଉଦ୍ୟମ ଯୋଗୁଁ ସପ୍ତାହକ ମଧ୍ୟରେ ଠିକାଦାର ସମସ୍ତ ଶ୍ରମିକଙ୍କୁ ସେମାନଙ୍କ ଗ୍ରାମକୁ ଫେରାଇ ଆଣିବାରେ ସକ୍ଷମ ହେଲା ଓ ବାଲୁଗାଁ ତଥା ରାୟଗଡା ଶ୍ରମ ଅଧିକାରୀମାନଙ୍କ ଉପସ୍ଥିତିରେ ସେମାନଙ୍କୁ ୭/୮ ମାସର ମଜୁରୀ ଦେଲା ।

ନିଜ ଗ୍ରାମକୁ ଫେରି ଏହି ଗ୍ରାମବାସୀମାନେ ଏବେ ବହୁତ ଖୁସି ଅଛନ୍ତି ଓ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାରେ କାମ କରି ତଥା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବିଭିନ୍ନ ଜୀବିକା ନିର୍ବାହ ସୁଯୋଗର ଉପଯୋଗ କରି ନିଜେ ରୋଜଗାର କରୁଛନ୍ତି ।


**ରିପୋର୍ଟ : ଏମ. ସନ୍ତୋଷ ପ୍ରସାଦ**
ବେସରକାରୀ ସଙ୍ଗଠନ ଦଳପତି, ଟିକିରି କ୍ଷେତ୍ର ପରିଚାଳନା କେନ୍ଦ୍ର,
ରାୟଗଡା ଖଣ୍ଡୀୟ ପରିଚାଳନା କେନ୍ଦ୍ର





# ଆଦିବାସୀ ମେଳା

## ପ୍ରକଳ୍ପର ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୨.୨୫ ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରି

ରାଜ୍ୟସ୍ତରୀୟ ବାର୍ଷିକ ଆଦିବାସୀ ମେଳା ଜାନୁୟାରୀ ୨୬ରୁ ଫେବୃୟାରୀ ୯, ୨୦୧୦ ଯାଏଁ ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିଲା । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୪୫ ଜଣ ଭିଏସଏସ/ଏସଏଚଜି ସଭ୍ୟ ସଭ୍ୟାଙ୍କୁ ଏଥିରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିଥିଲା । ଯେଉଁମାନେ କି ଅନଗୁଳ, ବାଲିଗୁଡ଼ା, ଦେବଗଡ, ଜୟପୁର, କୋରାପୁଟ, ପାରଳାଖେମୁଣ୍ଡି, ଫୁଲବାଣୀ, ରାୟଗଡା ଓ ରାଉରକେଲା ବନଖଣ୍ଡ ଅନ୍ତର୍ଗତ ୨୦ଟି ବନ ସଂରକ୍ଷଣ ସମିତିର ୨୯ଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ଆସିଥିଲେ । ଏହି ୧୫ ଦିନରେ ସେମାନେ ୪୪ ପ୍ରକାର ଅଣକାଷ୍ଠ ବନଜାତ ଦ୍ରବ୍ୟ, କୃଷିଭିତ୍ତିକ, କୃଷି ଓ ଅଣକୃଷିଭିତ୍ତିକ ସାମଗ୍ରୀ ବିକ୍ରି କରି ୨,୨୫,୩୪୭ ଟଙ୍କାର ବ୍ୟବସାୟ କରିଥିଲେ । ସଭ୍ୟସଭ୍ୟାମାନଙ୍କ ମୋଟ ଲାଭ ପ୍ରାୟ ୬୨,୦୦୦ ଟଙ୍କା ହୋଇଥିଲା । ଝାଡୁ, ମହୁ, ହଳଦୀଗୁଣ୍ଡ, ରାଗି ପାଉଡର ଓ ଝୁଣା ଆଦିର ବହୁ ଚାହିଦା ଥିଲା । ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଏଥିରେ ଅଂଶଗ୍ରହଣ କରି ବେଶ୍ ସନ୍ତୋଷ ପ୍ରକାଶ କରିଥିଲେ । ଏଥିରେ ଅଂଶଗ୍ରହଣ କରିବା ସେମାନଙ୍କ ପାଇଁ ଏକ ବଡ଼ଧରଣର ସଫଳତା ଥିଲା ଯେଉଁଥିରେ କି ସେମାନେ କେବଳ ନିଜର ସାମଗ୍ରୀ ବିକ୍ରି କରିବାକୁ ସୁଯୋଗ ପାଇଥିଲେ ତା ନୁହେଁ ଏକ ରାଜ୍ୟସ୍ତରୀୟ ଉତ୍ସବରେ ଭାଗ ନେବାର ଅଭିଜ୍ଞତା ମଧ୍ୟ ହାସଲ କରିଥିଲେ । ବନ ସଂରକ୍ଷଣ ସମିତି ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ କାର୍ଯ୍ୟ ଦର୍ଶାଉଥିବା ଏକ ମଡେଲ (ନମୂନା) ଗ୍ରାମ ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ମଡେଲରେ ପ୍ରଦର୍ଶିତ ଗ୍ରାମରେ ସମସ୍ତ ବିକାଶମୂଳକ କାମ ଓ ତାହାର କୌଶଳଗୁଡ଼ିକୁ ପରିଦର୍ଶକମାନେ ଆଗ୍ରହର ସହ ଦେଖୁଥିଲେ ।

ଖଣ୍ଡୀୟ ପରିଚାଳନା କେନ୍ଦ୍ର ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ରମଗୁଡ଼ିକ ଉପରେ ପ୍ରସ୍ତୁତ ଭିଡ଼ିଓ ଚଳଚ୍ଚିତ୍ର ମଧ୍ୟ ପରିଦର୍ଶକମାନଙ୍କୁ ପ୍ରଦର୍ଶନ କରାଯାଇଥିଲା ।

# ଉନ୍ନତ ଜୀବିକା ନିର୍ବାହ ପାଇଁ ପାନୀୟ ଜଳ ଯୋଗାଣ



ହାତିଆଦଣ୍ଡା ଗାଁଟି ରେଙ୍ଗାଳି ବନ୍ଧ ନିକଟରେ ଅଛି । ଗାଁର ପୂର୍ବ ଦିଗରେ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଥିବାବେଳେ ଉତ୍ତରରେ ସାଲୁଇମଡା ସଂରକ୍ଷିତ ଜଙ୍ଗଲ ଅଛି । ପ୍ରାୟ ୪୫ଟି ପରିବାର ଗାଁରେ ରହୁଛନ୍ତି । ୧୯୯୯ରେ ଯୁଗ୍ମ ବନ ପରିଚାଳନା କାର୍ଯ୍ୟକ୍ରମରେ ଗାଁରେ ଏକ ବନ ସଂରକ୍ଷଣ ସମିତି ଗଠନ କରାଯାଇଥିଲା ଓ ସଂରକ୍ଷିତ ଜଙ୍ଗଲରୁ ୧୬୦ ହେକ୍ଟର ଜଙ୍ଗଲ ପ୍ରଦାନ କରାଯାଇଥିଲା । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ଏହି ଗ୍ରାମଟି ପ୍ରଥମ ଦଫାରେ ମନୋନୀତ ହୋଇଥିଲା । ଯଦିଓ ଗାଁଟି ବ୍ରାହ୍ମଣୀ ନଦୀ କୂଳରେ ରହିଛି ତଥାପି ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ହଇରାଣର ସମ୍ମୁଖୀନ ହୁଅନ୍ତି, କାରଣ ନଦୀ ଜଳ ଦିନକୁ ଦିନ ପ୍ରଦୂଷିତ ହୋଇଯାଉଛି । ଏହି ପ୍ରଦୂଷିତ ନଦୀ ଜଳ ବ୍ୟବହାର କରି ଗାଁ ଲୋକେ ବିଭିନ୍ନ ପ୍ରକାର ପେଟ ରୋଗରେ ପୀଡ଼ିତ ହେଉଥିଲେ । ବନ୍ଧ କର୍ତ୍ତୃପକ୍ଷ, ଜଳ ବିଦ୍ୟୁତ ପ୍ରକଳ୍ପ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସେମାନେ ପାନୀୟ ଜଳ ଯୋଗାଣ ପାଇଁ ନିବେଦନ କରିଥିଲେ ମାତ୍ର ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ବନ ସଂରକ୍ଷଣ ସମିତି ସଭ୍ୟମାନେ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରସ୍ତାବ ଗ୍ରହଣ କଲେ । ସେଥିପାଇଁ ଗଭୀର କୂପ (ବୋରୱେଲ) ଖୋଳି ଉଚ୍ଚରେ ଏକ ଟାଙ୍କି ତିଆରି କରି ପାଇପ ଦ୍ୱାରା ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଲା । ପ୍ରବେଶିକା କାର୍ଯ୍ୟକ୍ରମରେ ପ୍ରାପ୍ତ ଅର୍ଥରେ ଏହି କାର୍ଯ୍ୟ ଆରମ୍ଭ କରାଯାଇ ସଫଳତାର ସହ ଶେଷ କରାଗଲା । ଏବେ ହାତିଆଦଣ୍ଡା ଗ୍ରାମବାସୀମାନେ ଖୁବ୍ ଖୁସି ଅଛନ୍ତି ଏବଂ ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ସେମାନଙ୍କର ଏହି ଦୀର୍ଘ ଦିନର ଇଚ୍ଛା ଓଏଫଏସଡିପି ମାଧ୍ୟମରେ ପୂରଣ ହୋଇପାରିଲା ବୋଲି ସେମାନେ କହୁଛନ୍ତି ।

**ଦିଲ୍ଲୀପ କୁମାର ରାଉତ**

କଣିହାଁ ରେଞ୍ଜ ଅଧିକାରୀ ତଥା କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ



ରାଉରକେଲା ବନଖଣ୍ଡ ଅନ୍ତର୍ଗତ ବୀରମିତ୍ରପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧିନସ୍ଥ କୁମଝରିଆ ଗ୍ରାମପଞ୍ଚାୟତର ଥେରବିଲାହାଲ ଏକ ଛୋଟ ଗାଁ ଯେଉଁଥିରେ ୪୯ଟି ପରିବାର ବାସ କରନ୍ତି । ଗ୍ରାମବାସୀ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ୨୦୦୮ରେ ଅଣୁ ଯୋଜନା ପ୍ରସ୍ତୁତିବେଳେ ସେମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଥିଲେ ।

ଏପରି ପରିସ୍ଥିତି ପୂର୍ବରୁ ଗ୍ରାମରେ ଦୁଇଟି ନଳକୂପ ଥିଲେ ମଧ୍ୟ ତାହା ଖରାପ ହୋଇପଡ଼ିଥିଲା । ଏକ ପଥର କ୍ରସରରେ ଥିବା ଘରୋଇ ଗଭୀର କୂପ ଉପରେ ଗ୍ରାମବାସୀ ନିର୍ଭର କରୁଥିଲେ । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ପ୍ରବେଶିକା କାର୍ଯ୍ୟ ମାଧ୍ୟମରେ ସିଙ୍ଗତୋଳା ଗ୍ରାମରେ ଏକ ନଳକୂପ ଖନନ କରାଯାଇଥିବାବେଳେ ବନ ସଂରକ୍ଷଣ ସମିତି ସଭାଗୃହ ନିକଟରେ ଏକ ଗଭୀର କୂପ ଖନନ କରାଯାଇ ସିଣ୍ଟେକ୍ସ ଟାଙ୍କି ବସାଯାଇଥିଲା ଓ ତାକୁ ଜଳ ଉଠାଇବା ପାଇଁ ୦.୫ ଅଶ୍ୱକ୍ଷମତା ବିଶିଷ୍ଟ ଏକ ମୋଟର ବସାଗଲା । ଏହି ମୋଟର ପାଇଁ ପଥର କ୍ରସର ମାଲିକ ମାଗଣାରେ ବିଦ୍ୟୁତ ଯୋଗାଇ ଦେଉଛନ୍ତି । କେବଳ ଥେରଲିବାହାଲ ନୁହେଁ ପଡୋଶୀ ଗ୍ରାମର ଲୋକେ ମଧ୍ୟ ପାନୀୟ ଜଳ ପାଇଁ ଏହି ଟାଙ୍କି ଉପରେ ନିର୍ଭର କରୁଛନ୍ତି ।



## ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ହାତୀଗଣନାର କିଛି ଫଟୋ

ଫଟୋ : ଶ୍ରୀ ପସନ୍ନ କୁମାର ବେହେରା
ସମ୍ପାଦକ : ସହଯୋଗୀ ବେସରକାରୀ ସଙ୍ଗଠନ ନ୍ୟୁଜ ଓ ଓଏଫଏସଡିପି ପରିଚାଳନା ପରିଷଦ ସଭ୍ୟ









# ମକା ଚାଷ

## ମା ଧରୁଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଉଦ୍ୟମ

ପୋଖନାଗୁଡ଼ା ବନ ସଂରକ୍ଷଣ ସମିତି ଅନ୍ତର୍ଗତ ମା ଧରୁଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସଫଳତାର ସହ ପରିବା ଚାଷ କରିବା ପରେ ମକା ଚାଷରେ ମଧ ଅସାଧାରଣ କୃତି ଦେଖାଇଛନ୍ତି । ପୋଖନାଗୁଡ଼ା ବନ ସଂରକ୍ଷଣ ସମିତି ଅଧୀନ ୧୨ ସଭ୍ୟବିଶିଷ୍ଟ ମା ଧରୁଣୀ ସ୍ୱୟଂ ସହାୟକ ଗୋଷ୍ଠୀ ମକା ଚାଷ ପାଇଁ ୨୫,୦୦୦ ଟଙ୍କା ଋଣ ନେଇଥିଲେ । ଏଥିସହ ଗୋଷ୍ଠୀର ସଦସ୍ୟମାନେ ନିଜ ସଞ୍ଚୟରୁ ୨୫,୦୦୦ ଟଙ୍କା ମିଶାଇଥିଲେ । ସହଯୋଗୀ ବେସରକାରୀ ସଙ୍ଗଠନର ମାର୍ଗ ଦର୍ଶନ ପରେ ହିଁ ଗୋଷ୍ଠୀର ସଭ୍ୟାମାନେ ନିଜ ସଞ୍ଚୟରୁ ଅର୍ଥ ଲାଗାଇବା ପାଇଁ ରାଜି ହୋଇଥିଲେ । ମକା ଅମଳରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ନିଜ ନିଜ ସ୍ୱାମୀମାନଙ୍କ ସହ ପରିଶ୍ରମ କରିଥିଲେ । ପରେ ସେମାନେ ମକାଗୁଡ଼ିକ ଆକାର ଅନୁସାରେ ସଜାଇ ରଖିଲେ । ୧୦ ଏକର ଜମିରୁ ୯୦ ଦିନ ମଧରେ ସେମାନେ ୩୦୦ କୁଇଣ୍ଟାଲ ଅମଳ କଲେ ଏବଂ କୁଇଣ୍ଟାଲ ପ୍ରତି ୭୬୦ ଟଙ୍କା ଦରରେ ବୋରିଗୁମା ବଜାରରେ ବିକ୍ରି କଲେ । ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରୁ ୭୫,୦୦୦ ଟଙ୍କା ଲାଭ ପାଇଲା । ସେମାନେ ୨୫,୦୦୦ ଟଙ୍କାର ଋଣ ଓ ସର୍ତ୍ତ ଅନୁସାରେ ୧୫୦୦ ଟଙ୍କା ସୁଧ ବନ ସଂରକ୍ଷଣ ସମିତିକୁ ଫେରାଇଦେଲେ ।



ଏହା ସେମାନଙ୍କର ମୁଣ୍ଡ ପିଛା ଆୟ ବଢ଼ାଇବା ସହ ଅନ୍ୟ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଆତ୍ମବିଶ୍ୱାସ ବୃଦ୍ଧି କରାଇପାରିଲା ।

**ମହେନ୍ଦ୍ର ପାତ୍ର**
କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ, ବୋରିଗୁମା, ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର

## ଯୁଗ୍ମ ବନ ପରିଚାଳନା ଓ ପ୍ରତିପାଳନ ଉପରେ ଜାଇକା କର୍ମଶାଳା

'ଯୁଗ୍ମ ବନ ପରିଚାଳନା ଓ ପ୍ରତିପାଳନ–ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ ପାଇଁ ବିକଶିତ ଧାରା' ଶୀର୍ଷକ ଏକ କର୍ମଶାଳା ଜାଇକା ଭାରତ ଦ୍ୱାରା ୨୬ ମାର୍ଚ୍ଚ ୨୦୧୦ରେ ନୂଆଦିଲ୍ଲୀ ଠାରେ ଆୟୋଜିତ ହୋଇଥିଲା । ଶିକ୍ଷା କ୍ଷେତ୍ର, ବେସରକାରୀ ସଙ୍ଗଠନ କ୍ଷେତ୍ର, ଜାତୀୟ ଅନୁଷ୍ଠାନସମୂହରୁ ପ୍ରତିନିଧିଗଣ, ଦେଶର ବିଭିନ୍ନ ରାଜ୍ୟରେ ଜାଇକା ସହାୟତାରେ ଚାଲୁଥିବା ପ୍ରକଳ୍ପଗୁଡ଼ିକର ଅଧିକାରୀଗଣ ଓ ପରାମର୍ଶଦାତାମାନଙ୍କ ସହ ଜାଇକା, ଭାରତର ପ୍ରତିନିଧି ଓ ଭାରତ ସରକାରଙ୍କ ଜଙ୍ଗଲ ତଥା ପରିବେଶ ମନ୍ତ୍ରଣାଳୟର ପ୍ରତିନିଧିମାନେ ଏଥିରେ ଯୋଗଦେଇଥିଲେ । ଜାଇକା, ଭାରତର ନିମନ୍ତ୍ରଣକ୍ରମେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂସଲ, ଓଏଫଏସଡିପିର ସାଧାରଣ ପରାମର୍ଶଦାତାର ଜୀବିକା ନିର୍ବାହ ପରାମର୍ଶଦାତା ଶ୍ରୀ ପ୍ରଣବ ଚୌଧୁରୀଙ୍କ ସହ ଏଥିରେ ଯୋଗଦେଇଥିଲେ । ଶ୍ରୀ ବଂସଲ ଏହାର ଦ୍ୱିତୀୟ ଅଧିବେଶନରେ ଅଧକ୍ଷତା କରିଥିଲେ । ଯେଉଁଥିରେ ଶ୍ରୀ ନିକୋଲସ ର୍ୟାନଙ୍କ ଦ୍ୱାରା 'ଯୁଗ୍ମ ବନ ପରିଚାଳନା ଦାରିଦ୍ର୍ୟ ଦୂର କରୁଛି କି ? ଜାଇକା ସହାୟତାପ୍ରାପ୍ତ ବନାଞ୍ଚଳ ପ୍ରକଳ୍ପଗୁଡ଼ିକରେ ମିଶ୍ରିତ ମୂଲ୍ୟାୟନ ତଥ୍ୟ ଏବଂ ଆପାତତଃ ଅନିୟମିତ ପଦ୍ଧତି ପ୍ରୟୋଗ' ଶୀର୍ଷକରେ ତଥ୍ୟ ଉପାସ୍ଥାପନ ହୋଇଥିଲା । ଏଥିରେ ଅନ୍ୟ ତିନିଜଣ ବିଶେଷଜ୍ଞ ମଧ ସେମାନଙ୍କର ମତ ପ୍ରଦାନ କରିଥିଲେ । ଆଇଆଇଏଫଏମର ପ୍ରାଧ୍ୟାପକ ପି. ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଯୁଗ୍ମ ବନ ପରିଚାଳନା ଏକତ୍ରିକରଣରେ ଦକ୍ଷତା ଯାଞ୍ଚ ବ୍ୟବସ୍ଥା ଉପରେ ମଧ ଶ୍ରୀ ବଂସଲ ନିଜ ମତ ପ୍ରଦାନ କରିଥିଲେ ।






# ପ୍ରକଳ୍ପର ଗ୍ରାମ୍ୟ ବନ ସହାୟକ ଜାତୀୟ ଯୁବ ମହୋତ୍ସବରେ ସାମିଲ ହେଲେ



ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଯୁବ ମହୋତ୍ସବ-୨୦୧୦ ସମୟରେ କିଛି ମନୋନୀତ ଗ୍ରାମ୍ୟ ବନ ସହାୟକଙ୍କର ଶିକ୍ଷା ଭ୍ରମଣ ପ୍ରକଳ୍ପ ପରିଚାଳନା କେନ୍ଦ୍ର ଦ୍ୱାରା ଆୟୋଜନ କରାଯାଇଥିଲା । ବିଭିନ୍ନ ଖଣ୍ଡୀୟ ପରିଚାଳନା କେନ୍ଦ୍ରର ୫୦ ଜଣ ଗ୍ରାମ୍ୟ ବନ ସହାୟକ ଏହି ଉତ୍ସବରେ ଯୋଗଦେଇଥିଲେ । ଏହା କଳା, ସଙ୍ଗୀତ, ସଂସ୍କୃତି, ପରିବେଶ, ସାମାଜିକ ଓ ବିକାଶମୂଳକ କାର୍ଯ୍ୟ ତଥା କ୍ରୀଡ଼ାର ଜାତୀୟ ମଞ୍ଚ ଥିଲା । ଗ୍ରାମ୍ୟ ବନ ସହାୟକମାନେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଦ୍ୱାରା ଖଣ୍ଡଗିରି ନିକଟରେ ଆୟୋଜିତ ଦିନିକିଆ ମାପ ଓ ଓଜନ କର୍ମଶାଳାରେ ଯୋଗଦେବା ସହ କଟକ ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ଚୌଦ୍ୱାରଠାରେ ଥିବା ଉଦ୍ୟାନ କୃଷି ଫାର୍ମ ମଧ୍ୟ ପରିଦର୍ଶନ କରିଥିଲେ । ସେମାନେ ଧଉଳି ଶାନ୍ତିସ୍ତୂପ ଓ ନନ୍ଦନକାନନ ପରିଦର୍ଶନ କରିବା ସହ ବାବୁଲ ସୁପ୍ରିୟୋ, ଉଷା ଉଥୁପ୍, ଉତ୍ତର-ପୂର୍ବ ରାଜ୍ୟସମୂହର ରକ୍ ବ୍ୟାଣ୍ଡ ପ୍ରଦର୍ଶନ ଏବଂ ଭାରତୀୟ ସେନାର ଡେୟାର-ଡେଭିଲ (ଦୁଃସାହସିକ) ପ୍ରଦର୍ଶନ ମଧ୍ୟ ଉପଭୋଗ କରିଥିଲେ । ଇତିମଧ୍ୟରେ ସେମାନେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ମଧ୍ୟ କରିଥିଲେ । ପ୍ରାୟ ଅଧିକାଂଶ ଗ୍ରାମ୍ୟ ବନ ସହାୟକଙ୍କର ଏହା ଭୁବନେଶ୍ୱରକୁ ପ୍ରଥମ ପରିଭ୍ରମଣ ଥିଲା । ଏକ ଜାତୀୟ ଉତ୍ସବରେ ସାମିଲ ହୋଇ ସେମାନେ ଅତୀବ ଖୁସି ଓ ଗର୍ବ ଅନୁଭବ କରୁଛନ୍ତି ।











## ବନରାଜ କୁକୁଡ଼ା : ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଏକ ଉତ୍ତମ ବ୍ୟବସାୟ

୨୦୦୮ରେ ଖମୁଆଁ ଗ୍ରାମରେ ଏକ ବନ ସଂରକ୍ଷର ସମିତି ଗଠନ କରି, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କେନ୍ଦୁଝର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ପାଟଣା କ୍ଷେତ୍ର ପରିଚାଳନା କେନ୍ଦ୍ରରେ କାର୍ଯ୍ୟ ଆରମ୍ଭ କଲା । ଏହାପରେ ୧୯ ଜଣ ସଭ୍ୟଙ୍କୁ ନେଇ ଅନନ୍ତକେଶରୀ ନାମକ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଗଲା । ସମସ୍ତ ମହିଳା ସଭ୍ୟ ସେମାନଙ୍କର ଜୀବିକା ନିର୍ବାହର ବିକାଶ କରିବାକୁ ଆଗ୍ରହୀ ଥିଲେ । ସହଯୋଗୀ ବେସରକାରୀ ସଙ୍ଗଠନ ସେମାନଙ୍କୁ ଅଧିକ ପ୍ରୋତ୍ସାହିତ କରି କିଛି ଆୟକାରୀ କାର୍ଯ୍ୟକଳାପ ଆରମ୍ଭ କରିବାକୁ ମାର୍ଗଦର୍ଶନ କଲା । ନିଜ ସଞ୍ଚୟ ଅର୍ଥରୁ ସେମାନେ ପରିବା ଚାଷ ଆରମ୍ଭ କଲେ । ଏଥିରେ ସଫଳ ହେବା ପରେ ସେମାନେ କୁକୁଡ଼ା ଚାଷ ପାଇଁ ବନ ସଂରକ୍ଷଣ ସମିତିକୁ ୧୦,୦୦୦ ଟଙ୍କାର ଋଣ ପାଇଁ ଆବେଦନ କଲେ । ବନ ସଂରକ୍ଷଣ ସମିତି ଆବର୍ତ୍ତନ ପାଣ୍ଠିରୁ ଋଣ ପାଇବା ପରେ ୧୮୯ଟି ବନରାଜ କୁକୁଡ଼ା ସହ କୁକୁଡ଼ା ଚାଷ ଆରମ୍ଭ କଲେ । ମାତ୍ର କେତୋଟି ମାସ ମଧ୍ୟରେ ସେମାନେ ୪୦ଟି କୁକୁଡ଼ା ବିକି ୮୪୨୦ ଟଙ୍କା ପାଇଲେ । ଏହି ଲାଭ ପାଇବା ପରେ ସେମାନେ ବନ ସଂରକ୍ଷଣ ସମିତିରୁ ନେଇଥିବା ଋଣ ପରିଶୋଧ କରିଛନ୍ତି । ଏବେ ସେମାନେ ଅନ୍ୟ ଏକ ବଡ଼ ଧରଣର ବ୍ୟବସାୟ କରିବାକୁ ଋଣ ଆବେଦନ କରିଛନ୍ତି ।

**ମନୋଜ କୁମାର ହାତୀ**

ଦଳପତି, ପାଟଣା କ୍ଷେତ୍ର ପରିଚାଳନା କେନ୍ଦ୍ର, କେନ୍ଦୁଝର ଖଣ୍ଡୀୟ ପରିଚାଳନା କେନ୍ଦ୍ର

## ଛତୁ ଚାଷ :

### ବହୁ ପରିବାର ପାଇଁ ଆୟକାରୀ କାର୍ଯ୍ୟପନ୍ଥା

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧୀନରେ ଭଦ୍ରକ ଖଣ୍ଡୀୟ ପରିଚାଳନା କେନ୍ଦ୍ରର ସାତଭଉଣୀ କେନ୍ଦ୍ରୀୟ ନର୍ସରୀରେ ୨୦୦୮-୦୯ରେ ପରୀକ୍ଷାମୂଳକଭାବେ ଛତୁ ଚାଷ ଆରମ୍ଭ କରାଯାଇଥିଲା । ଆଶ୍ଚର୍ଯ୍ୟଜନକଭାବେ, ଏହା ଭଦ୍ରକ ବନାଞ୍ଚଳ କାର୍ଯ୍ୟାଳୟ ନିକଟ ହରିପୁର ଗ୍ରାମର ୧୯ଟି ପରିବାର ପାଇଁ ଆୟକାରୀ କାର୍ଯ୍ୟକଳାପ ହୋଇଗଲା । ହରିପୁର ଗ୍ରାମର ସନ୍ତୋଷ କୁମାର ପ୍ରଧାନ ୧୬ ମାସ ଛତୁ ଚାଷ କରି ୩୧,୫୨୦ ଟଙ୍କା ଲାଭ ପାଇଲେ । ପ୍ରାଥମିକଭାବେ ସେ ୮୬,୮୦୦ ଟଙ୍କା ପୁଞ୍ଜିନିବେଶ କରି ୩୧୪୨ କେ.ଜି. ଛତୁ ଉତ୍ପାଦନ କରିଥିଲେ । ଏହି ଛତୁକୁ ବଜାରରେ ବିକ୍ରି କରିବା ପରେ ସେ ୧,୧୮,୨୩୦ ଟଙ୍କା ପାଇଥିଲେ । ଅନ୍ୟ ପରିବାରଗୁଡ଼ିକ ହାରାହାରିଭାବେ ମାସିକ ୩୦୦୦ ଟଙ୍କା ରୋଜଗାର କରୁଛନ୍ତି । ବିଳମ୍ବରେ ହେଲେ ମଧ୍ୟ, ପ୍ରକଳ୍ପ ଗ୍ରାମର କେତେକ ପରିବେଶ ବିକାଶ କ୍ଲବ୍ ସଭ୍ୟ ଛତୁ ଚାଷକୁ ଆୟକାରୀ କାର୍ଯ୍ୟକଳାପଭାବେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ସେମାନଙ୍କୁ ସାତଭଉଣୀ ନର୍ସରୀଠାରେ ଛତୁ ଚାଷ ନେଇ ତାଲିମ ପ୍ରଦାନ କରାଯିବ ।

**ସୁଦର୍ଶନ ପାତ୍ର,** ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ





ଏଏନଆର ୧,୩୮,୦୦୦ ହେକ୍ଟର ବ୍ଲକ୍ ବୃକ୍ଷରୋପଣ ୩୯୬୫୦ ହେକ୍ଟର ଏଆର ୧୯୦୦୦ ହେକ୍ଟର ଉପକୂଳବର୍ତ୍ତୀ ବୃକ୍ଷରୋପଣ ୨୮୧୦ ହେକ୍ଟର

# ଦ୍ୱିତୀୟ ବାର୍ଷିକ ସମୀକ୍ଷା ବୈଠକ

ସମୀକ୍ଷା–୨୦୦୯, ଦ୍ୱିତୀୟ ରାଜ୍ୟସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ ଭୁବନେଶ୍ୱରଠାରେ ୨୯ ଓ ୩୦ ଜାନୁୟାରୀ ୨୦୧୦ରେ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିବା ଏବଂ ବିଭିନ୍ନ ଅଂଶୀଦାର ଯଥା ପ୍ରକଳ୍ପ ପରିଚାଳନା କେନ୍ଦ୍ର/ଖଣ୍ଡୀୟ ପରିଚାଳନା କେନ୍ଦ୍ରସମୂହ ଏବଂ କ୍ଷେତ୍ର ପରିଚାଳନା କେନ୍ଦ୍ରଗୁଡ଼ିକ ମଧ୍ୟରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମକୁ ସରଳଭାବେ କାର୍ଯ୍ୟକାରୀ କରିବା ପାଇଁ ବୈଷୟିକ, ସାମାଜିକ ଓ ପରିଚାଳନାଗତ ପ୍ରସଙ୍ଗ ଏବଂ ତାର ସମାଧାନ ପନ୍ଥା ଉପରେ ମତ ବିନିମୟ କରିବା ହେଲା ଏହାର ମୁଖ୍ୟ ଲକ୍ଷ୍ୟ । ମୁଖ୍ୟ ଶାସନ ସଚିବ ଶ୍ରୀ ତରୁଣକାନ୍ତି ମିଶ୍ର, କୃଷି ଉତ୍ପାଦନ କମିଶନର ଶ୍ରୀ ଆର.ଏନ. ସେନାପତି, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ୟୁ.ଏନ. ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂସଲ, ଜଣେ ଗ୍ରାମ୍ୟ ବନ ସହାୟକ, ଜଣେ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ଓ ଜଣେ ବନ ସଂରକ୍ଷଣ ସମିତି ସଭ୍ୟଙ୍କ ଦ୍ୱାରା ପ୍ରଦ୍ୱୀପ ପ୍ରଜ୍ୱଳନ ହେବା ପରେ ବୈଠକ ଆରମ୍ଭ ହେଲା । ସମୀକ୍ଷା ୨୦୦୯କୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ ଏକାଭୀମୁଖୀକରଣ ଉପରେ ଗୁରୁତ୍ୱ ଦେଇଥିଲେ ଓ ଜଙ୍ଗଲ ବିଭାଗ କର୍ମଚାରୀ ଏ ଦିଗରେ ବିଶେଷ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟକଳାପକୁ ପ୍ରତିପାଳନକ୍ଷମ କରିବାରେ ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ ।





ପ୍ରଥମ ଦିନରେ ପ୍ରକଳ୍ପ ପରିଚାଳନା କେନ୍ଦ୍ର, ଖଣ୍ଡୀୟ ପରିଚାଳନା କେନ୍ଦ୍ର ଏବଂ କ୍ଷେତ୍ର ପରିଚାଳନା କେନ୍ଦ୍ରର ଅଧିକାରୀମାନଙ୍କ ଭିନ୍ନ ଗ୍ରାମ୍ୟ ବନ ସହାୟକ, ବନ ସଂରକ୍ଷଣ ସମିତି ସଭାପତି, ବେସରକାରୀ ସଙ୍ଗଠନ ଦଳପତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ । ଇନ୍‌ଷ୍ଟିଚ୍ୟୁସନାଲ ଷ୍ଟ୍ରେଙ୍ଗଦେନିଂ ନାମକ ଏକ ପୁସ୍ତିକା ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସେହିପରି ସିମାରୁବା ଉପରେ ଏକ କ୍ଷୁଦ୍ର ପୁସ୍ତିକା ଓଡ଼ିଶାର ଉନ୍ନୟନ କମିଶନର ଶ୍ରୀ ଏସ.ପି. ନନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶ୍ରୀ ନନ୍ଦ ପ୍ରକଳ୍ପର ସାମଗ୍ରିକ ବିକାଶ ନେଇ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ । ଖଣ୍ଡୀୟ ପରିଚାଳନା କେନ୍ଦ୍ରଗୁଡ଼ିକର ଶ୍ରେଷ୍ଠ କାର୍ଯ୍ୟ କରୁଥିବା ବନ ସଂରକ୍ଷଣ ସମିତିଗୁଡ଼ିକୁ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ କରିଥିଲେ । କ୍ଷେତ୍ରରେ ବିଭିନ୍ନ ସଫଳ କାର୍ଯ୍ୟକ୍ରମର ଏକ ଫଟୋ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରିଥିଲେ ।







ପରଫରମାନ୍ସ ଆସେସ୍‌ମେଣ୍ଟ ଅଫ ଫାଷ୍ଟ ବ୍ୟାଚ ଭିଏସଏସ
ଇନ୍‌ଷ୍ଟିଚ୍ୟୁସନାଲ ଷ୍ଟ୍ରେଙ୍ଗଦେନିଂ ପୁସ୍ତିକାର ଉନ୍ମୋଚନ



ସିମାରୁବା କ୍ଷୁଦ୍ର ପୁସ୍ତିକାର ଉନ୍ମୋଚନ

## ଅଭିନନ୍ଦନ

### ପ୍ରଥମ ସ୍ଥାନରେ ଥିବା ବିଭିନ୍ନ ବନଖଣ୍ଡର ଭିଏସଏସ (ପ୍ରଥମବ୍ୟାଚ)



ବନ୍ଧକରଞ୍ଜ ଭିଏସଏସ, କେ. ସିଙ୍ଗପୁର, ରାୟଗଡ଼ା
କ୍ଷେତ୍ର ପରିଚାଳନା ମୁଖ୍ୟ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି ।



ବଡଜଳା ଭିଏସଏସ, କୁଳିପୋଷ, ବଣାଇ



ରଙ୍ଗାପାଡୁ ଭିଏସଏସ, ବେଲଘର, ବାଲିଗୁଡ଼ା କ୍ଷେତ୍ର ପରିଚାଳନା ମୁଖ୍ୟ



ପଖଣାଗୁଡ଼ା ଭିଏସଏସ, ବୋରିଗୁମା, ଜୟପୁର




ପାଜିମହା ଭିଏସଏସ, ରାଇକିଆ, ଫୁଲବାଣୀ



ଖପରବଡ଼ ଭିଏସଏସ, ଚନ୍ଦ୍ରଗିରି, ପାରଳାଖେମୁଣ୍ଡି



ତଳପଡା ଭିଏସଏସ, କଣିହାଁ, ଅନଗୁଳ



ଛିଡି ଭିଏସଏସ, ବାଙ୍କି, ରାଉରକେଲା



ଖଣ୍ଡପଥର ଭିଏସଏସ, (ଚକ), କେନ୍ଦୁଝର



ଟିମାଝୋଲା ଭିଏସଏସ, ଲକ୍ଷ୍ମିପୁର, କୋରାପୁଟ



ରୁଗୁଡିଡିହି ଭିଏସଏସ, ପାଳଲହଡ଼ା, ଦେବଗଡ଼

# ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିନିଧିଙ୍କ କର୍ଣ୍ଣାଟକ ଶିକ୍ଷା ପରିଭ୍ରମଣ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଜଣେ ଉପପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବେସରକାରୀ ସଙ୍ଗଠନ ଦଳପତି ଓ ୨୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ/ବନ ସଂରକ୍ଷଣ ସମିତି ସଭ୍ୟ କର୍ଣ୍ଣାଟକ ଭ୍ରମଣରେ ଯାଇଥିଲେ । ଫେବୃୟାରୀ ୨୦୧୦ରେ ଏହି ଦଳ କର୍ଣ୍ଣାଟକର ଚିତ୍ରଦୁର୍ଗ ଓ ଦବନଗିରୀ ଜିଲ୍ଲା ବୁଲିଥିଲେ । ଚିତ୍ରଦୁର୍ଗ ଜିଲ୍ଲାର ମାଲକାଲମୁର ବନାଞ୍ଚଳ ସମେତ ଦବନଗରୀ ଜିଲ୍ଲାର ଦବନଗରୀ ବନାଞ୍ଚଳର ତିନୋଟି ଗ୍ରାମ୍ୟ ବନ କମିଟି (ଭିଏଫସି)କୁ ଏହି ଦଳ ବୁଲିବାକୁ ଯାଇଥିଲେ । ଏହି ଭିଏଫସିଗୁଡ଼ିକରେ ଭିଏଫସି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟଙ୍କ ଆଲୋଚନାର ଆୟୋଜନ କରାଯାଇଥିଲା । ଆଲୋଚନାରୁ ଶିଖିବାକୁ ମିଳିଲା ଯେ ଜିଲ୍ଲାପାଳ ଏକାଭୀମୁଖୀକରଣ ଦ୍ୱାରା ଆୟକାରୀ କାର୍ଯ୍ୟକଳାପକୁ ସମର୍ଥନ ଯୋଗାଇବାରେ ପ୍ରମୁଖ ଭୂମିକା ତୁଲାଉଛନ୍ତି । ଅଣୁଯୋଜନା ସହ ସେମାନେ ସମନ୍ୱିତ ପରିଚାଳନା ଯୋଜନା ନାମକ ଅନ୍ୟ ଏକ ବ୍ୟବସ୍ଥା ମଧ୍ୟ ଗ୍ରହଣ କରୁଛନ୍ତି । ଏହି ବ୍ୟବସ୍ଥା ଅଧୀନରେ ସ୍ୱଷ୍ଟ ଅନୁଶୀଳନ କରାଯାଇ ଗୋଷ୍ଠୀ ବିକାଶ ସମେତ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଏକ ଶିକ୍ଷା ପରିଭ୍ରମଣ ପାଇଁ ପ୍ରଥମ ଥର ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କୁ ରାଜ୍ୟ ବାହାରକୁ ପଠାଯାଇଥିଲା । ଏହି ସଭ୍ୟମାନେ ଅଶେଷ ଖୁସି ହେବା ସହ କର୍ଣ୍ଣାଟକରୁ ଶିଖିଥିବା କୌଶଳ ସେମାନଙ୍କ ନିଜ ନିଜ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସଂରକ୍ଷଣ ସମିତିରେ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



# ପଶୁଙ୍କ କୃମି ନିବାରଣ



ପଶୁପାଳନ ବିଭାଗ, ଫୁଲବାଣୀ ଦ୍ୱାରା ଛେଳିମାନଙ୍କର କୃମିନିବାରଣ ଓ ପଶୁ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହିପରି ସ୍ୱାସ୍ଥ୍ୟମେଳା ପାଞ୍ଚୋଟି ଗ୍ରାମରେ କରାଯାଇଥିଲା ଯେଉଁଠାରେ ବନ ସଂରକ୍ଷଣ ସମିତି ଥିଲା । ସାରୁପଡ଼ାରେ ୫୫ଟି ଛେଳିକୁ କୃମି ମାରଣ ପାଇଁ ପାଣି ଔଷଧ ପିଆଯାଇଥିଲା । ସେହିପରି ବୀରାଗୁଡାସଠାରେ ୭୨ଟି ଛେଳି, ଲାହାବାଡିରେ ୫୬ଟି ଛେଳି, ସର୍ତାଗୁଡାସଠାରେ ୬୫ଟି ଛେଳି ଓ ଡଗରସୁଗାଠାରେ ୪୩ଟି ଛେଳିକୁ ପାଣି ଔଷଧ ପିଆଯାଇଥିଲା । ଏହି ସମସ୍ତ ସ୍ଥାନରେ ଗୃହପାଳିତ ପଶୁ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ, କେତେକ ସାଧାରଣ ରୋଗ ଓ ତାର କାରଣ ଏବଂ ନିରାକରଣ, ଲକ୍ଷଣ, ଉପଚାର ପଦ୍ଧତି ଓ ପ୍ରତିଷେଧକ ବ୍ୟବସ୍ଥା ଉପରେ ସିନେମା ପ୍ରଦର୍ଶନ କରାଯାଇଥିଲା ।

**ମନୋଜ କୁମାର ମିଶ୍ର,** ଦଳପତି

ସୁଡ୍ରୁଗୁମ୍ପା କ୍ଷେତ୍ର ପରିଚାଳନା କେନ୍ଦ୍ର, ଫୁଲବାଣୀ ଖଣ୍ଡୀୟ ପରିଚାଳନା କେନ୍ଦ୍ର



# ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ବିଶ୍ୱ ଆର୍ଦ୍ରଭୂମି ଦିବସ ୨ ଫେବୃୟାରୀ ୨୦୧୦ରେ ଭଦ୍ରକଠାରେ ପାଳନ କରାଯାଇଥିଲା । ବାଲେଶ୍ୱର ଓ ଭଦ୍ରକ ଉପକୂଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହେନ୍ତାଳ ବଣ ପୁନରୁଦ୍ଧାରରେ ଗୋଷ୍ଠୀଗୁଡ଼ିକର ଭାଗୀଦାରି ବଢାଇବା ଏହି ଦିବସ ପାଳନର ଲକ୍ଷ୍ୟ ଥିଲା ।

ଦିବସବ୍ୟାପି ଆୟୋଜିତ ଉତ୍ସବକୁ କୃଷି ଉତ୍ପାଦନ କମିଶନର ତଥା ଓଏଫଏସଡିପି ପରିଚାଳନା କମିଟି ସଭାପତି ଶ୍ରୀ ଆର.ଏନ. ସେନାପତି, ଭା.ପ୍ର.ସେ. ଉଦ୍‌ଘାଟନ କରିଥିଲେ । ହେନ୍ତାଳ ବଣ ବୃକ୍ଷରୋପଣରେ ସକ୍ରିୟ ଅଂଶଗ୍ରହଣ କରିବାକୁ ନିବେଦନ କରିବା ସହ ହେନ୍ତାଳ ବଣ ଉପରେ ନିର୍ଭରଶୀଳତା କମାଇବାକୁ ପ୍ରକଳ୍ପ ଦ୍ୱାରା ପ୍ରୋତ୍ସାହିତ କରାଯାଉଥିବା ବିକଳ୍ପ ଆୟକାରୀ କାର୍ଯ୍ୟକଳାପ ବାଛି ନେବାକୁ ସେ ପରାମର୍ଶ ଦେଇଥିଲେ । ଏଥିରେ ଉଦ୍‌ବୋଧନ ଦେଇ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଡି. ବିଶ୍ୱାଳ, ଆଇଏଫଏସ, ହେନ୍ତାଳ ବଣକୁ ଆର୍ଦ୍ରଭୂମି ଜୈବ ବ୍ୟବସ୍ଥାର ବୃକକ୍ ବୋଲି ବର୍ଣ୍ଣନା କରିଥିଲେ । ଶ୍ରୀ ଏ.କେ. ବଂସଲ, ଆଇଏଫଏସ, ପିସିସିଏଫ ପ୍ରକଳ୍ପ ନିର୍ଦ୍ଦେଶକ ହେନ୍ତାଳ ବଣ ପୁନରୁଦ୍ଧାର ସମେତ ହେନ୍ତାଳ ବଣ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ନିର୍ବାହ ପାଇଁ ପ୍ରୋତ୍ସାହିତ କରାଯାଇଥିବା ବିକଳ୍ପ ଆୟକାରୀ କାର୍ଯ୍ୟକଳାପ ଆଦି ଉପରେ ଆଲୋକପାତ କରିଥିଲେ । ଆଗାମୀ ବର୍ଷ ୧୪୦୯ ହେକ୍ଟର ଅଞ୍ଚଳରେ ହେନ୍ତାଳ ବଣ ବୃକ୍ଷରୋପଣ ଲକ୍ଷ୍ୟ ହାସଲ ଦିଗରେ କାମ କରିବାକୁ ଶ୍ରୀ ଏ. ବ୍ରହ୍ମା, ବନଖଣ୍ଡ ଅଧିକାରୀ, ବାଲେଶ୍ୱର ଓ ଶ୍ରୀ ଏସ. ପାତ୍ର, ବନଖଣ୍ଡ ଅଧିକାରୀ, ଭଦ୍ରକ ପରିବେଶ ବିକାଶ କ୍ଲବ୍ ସଭ୍ୟମାନଙ୍କୁ ନିବେଦନ କରିଥିଲେ । ହେନ୍ତାଳ ବଣ ସଂରକ୍ଷଣ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାର ଛଅ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ୧୫୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପୋଷ୍ଟର, ଛବି ଓ ହେନ୍ତାଳ ବୃକ୍ଷର ଚାରାଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା ।


## ଆଗ ଧାଡିର କାର୍ଯ୍ୟକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି

**ନନ୍ ଡେଷ୍ଟ୍ରିକ୍ଟିଭ୍ ହାର୍ଭେଷ୍ଟିଂ, ପ୍ରୋସେସିଂ ଆଣ୍ଡ ଭ୍ୟାଲୁ ଆଡିସନ୍ ଅଫ ଏନଟିଏଫପି :** ଅଣକାଷ୍ଠ ବନଜାତ ଦ୍ରବ୍ୟର ଅଣ ବିଧ୍ୱଂସୀ ଅମଳ, ପ୍ରକ୍ରିୟାକରଣ ଓ ତାହାକୁ ମୂଲ୍ୟଯୁକ୍ତ କରିବା ଉପରେ ତାଲିମ କାର୍ଯ୍ୟକ୍ରମ ୨୫ ରୁ ୨୯ ଜାନୁୟାରୀ ୨୦୧୦ ଯାଏଁ ଟ୍ରପିକାଲ ଫରେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ଜବଲପୁରଠାରେ ଅନୁଷ୍ଠିତ ହୋଇଥିଲା । ୯ ଜଣ ବନ ସମ୍ପ୍ରସାରଣ ଅଧିକାରୀ ଏହି ତାଲିମ ଗ୍ରହଣ କରିଥିଲେ । ଏହା ପରେ ପରେ ସମାନ ଧରଣର ଦୁଇଟି ତାଲିମ କାର୍ଯ୍ୟକ୍ରମ ଟିଏଫଆରଆଇ, ଜବଲପୁର ସହାୟତାରେ ସର୍କଲସ୍ତରରେ ଆୟୋଜନ କରାଯାଇଥିଲା । ଏହି ତାଲିମ ରାୟଗଡା ଏବଂ ଜି. ଉଦୟଗିରିଠାରେ ଆୟୋଜିତ ହୋଇଥିବାବେଳେ ଏଥିରେ ୫୧ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

**ରୁଟ ଟ୍ରେନର ନର୍ସରୀଜ୍ :** ଏମଏଫଡିସିର ଚୁଲବନ୍ଧ ନର୍ସରୀ ଓ ଗୋଣ୍ଡିଆକୁ ପୂର୍ବ ବର୍ଷର ଶିକ୍ଷା ପରିଭ୍ରମଣର ପ୍ରଭାବକୁ ଭିତ୍ତି କରି ଏବଂ ରୁଟ ଟ୍ରେନର ନର୍ସରୀର ଗୁରୁତ୍ୱ ତଥା ପୂର୍ବାପର ତତ୍ତ୍ୱ ଓ ବ୍ୟବହାର ପ୍ରୟୋଗ କରିବା ପାଇଁ, ଏହାର କିଛି ଅଧିକାରୀଙ୍କୁ ଏହି ତାଲିମ ପ୍ରଦାନ କରିଥିଲା । ରୁଟ ଟ୍ରେନର ନର୍ସରୀର ଆଦାନପ୍ରଦାନଭିତ୍ତିକ ତାଲିମ ତଥା ପ୍ରଦର୍ଶନ ସର୍କଲସ୍ତରରେ ଆୟୋଜନ କରାଯାଇଥିଲା । ଏଥିପାଇଁ ମହାରାଷ୍ଟ୍ର ବନ ଉନ୍ନୟନ ନିଗମରୁ ଅଭିଜ୍ଞ ତାଲିମଦାତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମ ରାୟଗଡା, ଜି. ଉଦୟଗିରି ଓ ରାଉରକେଲାରେ ଆୟୋଜିତ ହୋଇଥିଲା ଓ ଏଥିରେ ୭୯ଜଣ କ୍ଷେତ୍ରସ୍ତରର ଅଧିକାରୀ ଯୋଗ ଦେଇଥିଲେ ।

# ପରିବେଶ ବିକାଶ ଓ ପରିବେଶ ପର୍ଯ୍ୟଟନ ପାଇଁ ପଦକ୍ଷେପ

ସଂରକ୍ଷିତ ଅଞ୍ଚଳରେ ପରିବେଶ ବିକାଶ ଜୈବ ବିବିଧତା ସଂରକ୍ଷଣର ଅନ୍ୟତମ ଉପାଦାନ ଯାହାକି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ନିର୍ଦ୍ଧାରିତ କରାଯାଇଛି । ବନ ସମ୍ପଦର ପରିଚାଳନାରେ ଗୋଷ୍ଠୀର ସହଭାଗିତା ପାଇଁ ଜଙ୍ଗଲ ପାଖ ଗ୍ରାମଗୁଡ଼ିକରେ ବନ ସଂରକ୍ଷଣ ସମିତି ଗଢାଯିବା ପରି ସଂରକ୍ଷିତ ଅଞ୍ଚଳରେ ପରିବେଶ ବିକାଶ କ୍ଲବ୍ ଗଠନ କରାଯିବ ବୋଲି ଯୁଗ୍ମ ବନ ପରିଚାଳନା ପ୍ରସ୍ତାବ–୨୦୦୮ରେ ଉଲ୍ଲେଖ ରହିଛି । ଏହି କମିଟିଗୁଡ଼ିକ ପରିବେଶ ପର୍ଯ୍ୟଟନ ସହ ପରିବେଶ ବିକାଶ ଦିଗରେ କାର୍ଯ୍ୟ କରିବେ, ଯାହାକି ଏହି ସଂରକ୍ଷିତ ଅଞ୍ଚଳରେ ବୃକ୍ଷରାଜି ଉପରେ ନିର୍ଭରଶୀଳତାର ନିର୍ଦ୍ଦିଷ୍ଟ ବିକଳ୍ପ ହୋଇପାରିବ । ବନ ବିଭାଗ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ଗ୍ରାମବାସୀଙ୍କ ସହ ବହୁବାର ଆଲୋଚନା ପରେ ଓଏଫଏସଡିପି ଦ୍ୱାରା "କନ୍‌ସେପ୍‌ଚୁଆଲ ଫ୍ରେମୱାର୍କ ଫର ଇକୋ–ଡେଭେଲପମେଣ୍ଟ ଇନ୍‌କ୍ଲୁଡିଂ କମ୍ୟୁନିଟି ବେସ୍‌ଡ ଇକୋ ଟୁରିଜିମ୍ ଆଣ୍ଡ ଇଟ୍ସ ଆପ୍ଲିକେସନ ଇନ୍ ସାତକୋଶିଆ ଜର୍ଜ ସାଙ୍କଚୁଆରି" ଶୀର୍ଷକ ପୁସ୍ତକ ପ୍ରକାଶ କରାଯାଇଛି । ଡାଞ୍ଚା ପ୍ରସ୍ତୁତିରେ ପ୍ରଚ୍ଛନ୍ନ ଶକ୍ତିସମ୍ପନ୍ନ ସହଯୋଗୀ ଗୋଷ୍ଠୀର ଭାଗିଦାରୀ ଯୋଗୁଁ ଏହା ସ୍ୱତନ୍ତ୍ର ମାନ୍ୟତା ପାଇବା ଆବଶ୍ୟକ କରୁଛି । ଆଖପାଖରେ ରହୁଥିବା ଲୋକଙ୍କ ସକ୍ରିୟ ସହଯୋଗରେ ସଂରକ୍ଷିତ ଅଞ୍ଚଳରେ ପରିବେଶ ବିକାଶ କାର୍ଯ୍ୟକଳାପ କାର୍ଯ୍ୟକାରୀ କରିବାରେ ଏହା ସହାୟକ ହୋଇପାରିବ ।



ପ୍ରକଳ୍ପ ଦ୍ୱାରା ପ୍ରକାଶିତ "କନ୍‌ସେପ୍‌ଚୁଆଲ ଫ୍ରେମୱାର୍କ ଫର ଇକୋ–ଡେଭେଲପମେଣ୍ଟ ଇନ୍‌କ୍ଲୁଡିଂ କମ୍ୟୁନିଟି ବେସ୍‌ଡ ଇକୋ ଟୁରିଜିମ୍ ଆଣ୍ଡ ଇଟ୍ସ ଆପ୍ଲିକେସନ ଇନ୍ ସାତକୋଶିଆ ଜର୍ଜ ସାଙ୍କଚୁଆରି" ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ୨୪ ଜାନୁୟାରୀ ୨୦୧୦ରେ ଅନୁଷ୍ଠିତ ବନଖଣ୍ଡ ଅଧିକାରୀ ସମ୍ମିଳନୀରେ ଲୋକାର୍ପଣ କରୁଛନ୍ତି।

## ଭିଏସଏସ କୋଠା : ଶିକ୍ଷାକେନ୍ଦ୍ର

ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ କୁନ୍ଦରା କ୍ଷେତ୍ର ପରିଚାଳନା କେନ୍ଦ୍ରର କେରିମିଟି ଗ୍ରାମପଞ୍ଚାୟତରେ ରହିଛି ୩୬ ପରିବାରବିଶିଷ୍ଟ ଛୋଟିଆ ଗ୍ରାମ ପଣ୍ଡ୍ରିମାଟି । ଜୀବିକା ନିର୍ବାହ ପାଇଁ ଲୋକେ ପଶୁପାଳନ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି । ୨୦୦୭–୦୮ରେ ଏହି ଗ୍ରାମଟି ଓଏଫଏସଡିପି ଅଧୀନରେ ମନୋନୀତ ହେଲା । ସହଯୋଗୀ ବେସରକାରୀ ସଙ୍ଗଠନ ଗ୍ରାମର ସ୍ଥିତି ଆକଳନ କରି ଅଣୁ ଯୋଜନା ପ୍ରସ୍ତୁତିରେ ବନ ସଂରକ୍ଷଣ ସମିତିକୁ ସହାୟତା କଲା । ଏଥିରେ ନିର୍ଣ୍ଣୟ କରାଗଲା ଯେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ । ଗ୍ରାମର କେତେକ ଶିଶୁ ଚାରି କି.ମି. ଦୂରତ୍ୱ ଅତିକ୍ରମ କରି କେରିମିଟି ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଥିଲେ ଓ ବଳକା ୨୧ ଜଣ ଶିଶୁ ସ୍କୁଲ ମାଡ଼ୁ ନଥିଲେ । ୨୦୦୯ ଅକ୍ଟୋବରରେ ବନ ସଂରକ୍ଷଣ ସମିତି ନିଜ କାର୍ଯ୍ୟାଳୟ କୋଠାରେ ଜଣେ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଶିଶୁ ଓ ମହିଳାମାନଙ୍କ ପାଇଁ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ କଲା । ଶିଶୁମାନେ ଅପରାହ୍ନ ଚାରିଟା ପରେ ଓ ରବିବାର ପୂର୍ବାହ୍ନ ୧୦ ଟାରୁ ସେଠାକୁ ପାଠ ପଢ଼ିବାକୁ ଆସୁଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ସେମାନଙ୍କ ବୈଠକ ସହ ଅନ୍ୟ ସାମାଜିକ ପ୍ରସଙ୍ଗରେ ଏହି ଭିଏସଏସ କୋଠାରେ ହିଁ ବୈଠକ କରାଉଛନ୍ତି । ଏବେ ଏହି ଭିଏସଏସ କୋଠା ଏକ ଶିକ୍ଷା କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ/ବନ ସଂରକ୍ଷଣ ସମିତି ସଭା କକ୍ଷ, ଏସଏଚଜି ପ୍ରସ୍ତୁତ ସାମଗ୍ରୀର ବିକ୍ରୟ କେନ୍ଦ୍ର ଓ ଉତ୍ସବବେଳେ ଗ୍ରାମର ଗୋଷ୍ଠୀ କେନ୍ଦ୍ରଭାବେ ବ୍ୟବହୃତ ହେଉଛି ।

**କିଶୋର କୁମାର ସାହୁ,** ଦଳପତି

କୁନ୍ଦରା କ୍ଷେତ୍ର ପରିଚାଳନା କେନ୍ଦ୍ର, ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର




## ଜାଇକା ସହାୟତାପ୍ରାପ୍ତ ବନାଞ୍ଚଳ ପ୍ରକଳ୍ପଗୁଡ଼ିକର ଦ୍ୱିତୀୟ ଜାତୀୟ କର୍ମଶାଳା

ଦେଶର ସମସ୍ତ ଜାଇକା ସହାୟତାପ୍ରାପ୍ତ ବନାଞ୍ଚଳ ପ୍ରକଳ୍ପଗୁଡ଼ିକ ପାଇଁ ପ୍ରମୋଟିଂ ସସ୍‌ଟେନେବଲ୍ ଲାଇଭ୍ଲିହୁଡ୍ସ (ପ୍ରତିପାଳନକ୍ଷମ ଜୀବିକା ନିର୍ବାହ ପାଇଁ ପ୍ରୋତ୍ସାହନ) ଶୀର୍ଷକ ଏକ ତିନିଦିନିଆ ଜାତୀୟ ପାରମ୍ପରିକ ଶିକ୍ଷା କର୍ମଶାଳା ଆୟୋଜନ କରି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏକ ନୂତନ ଧାରା ଆରମ୍ଭ କରିଥିଲା । ଜାଇକା ସହାୟତାପ୍ରାପ୍ତ ରାଜସ୍ଥାନ ପ୍ରକଳ୍ପ ଏହି ଧାରାକୁ ଆଗେଇ ନେଇ ଉଦୟପୁରରେ ୨୦ ଓ ୨୧ ଫେବୃୟାରୀରେ "ସସ୍‌ଟେନେବଲ୍ ଫରେଷ୍ଟ ମ୍ୟାନେଜମେଣ୍ଟ ଫର ପଭର୍ଟି ଏଲିଭେସନ ଆଣ୍ଡ ଲାଇଭଲିହୁଡ ସିକ୍ୟୁରିଟି" (ଦାରିଦ୍ର୍ୟ ଦୂରୀକରଣ ତଥା ଜୀବିକା ନିର୍ବାହ ସୁରକ୍ଷା ପାଇଁ ପ୍ରତିପାଳନକ୍ଷମ ଜଙ୍ଗଲ ପରିଚାଳନା) ଶୀର୍ଷକ ଦ୍ୱିତୀୟ ଜାତୀୟ କର୍ମଶାଳା ଆୟୋଜନ କରିଥିଲା । ଏହି କର୍ମଶାଳାରେ ପ୍ରକଳ୍ପ ପକ୍ଷରୁ ଶ୍ରୀ ଅରୁଣ କୁମାର ବଂସଲ ପ୍ରତିନିଧିତ୍ୱ କରିଥିଲେ । ଏହି କର୍ମଶାଳାକୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଉଦ୍‌ଘାଟନ କରିଥିବାବେଳେ ଦେଶର ବିଭିନ୍ନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ଜାଇକା ସହାୟତାପ୍ରାପ୍ତ ପ୍ରକଳ୍ପର ନିର୍ଦ୍ଦେଶକମାନେ ଯୋଗଦେଇଥିଲେ । ଶ୍ରୀ ବଂସଲ "ଓଏଫଏସଡିପି ଅଧୀନରେ ଏକାଭୀମୁଖୀକରଣ ଦ୍ୱାରା ପ୍ରତିପାଳନ" ଶୀର୍ଷକ ଏକ ଉପସ୍ଥାପନ କରିଥିଲେ । ପ୍ରକଳ୍ପ ଅଧୀନରେ ଚାଲିଥିବା ବିଭିନ୍ନ ଏକାଭୀମୁଖୀକରଣ କାର୍ଯ୍ୟ ଉପରେ ଶ୍ରୀ ବଂସଲ ଏହି ଉପସ୍ଥାପନରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଉପସ୍ଥାପନକୁ ଅଂଶଗ୍ରହଣକାରୀମାନେ ଖୁବ୍ ପ୍ରଶଂସା କରିଥିଲେ ।







## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ୩୧ ମାର୍ଚ୍ଚ ୨୦୧୦ରେ କନ୍ଧମାଳ ପରିଦର୍ଶନ

ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ପ୍ରଦର୍ଶନ ପାଇଁ ଆୟୋଜିତ ପ୍ରଦର୍ଶନୀକୁ ସେ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ଫୁଲବାଣୀ ବନ ବିଭାଗ ମଧ୍ୟ ଅଂଶଗ୍ରହଣ କରିଥିଲା । ଓଏଫଏସଡିପିର ଭିଏସଏସ ଓ ଏସଏଚଜିଗୁଡିକ ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟରୁ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅଧିକାରୀ ଶ୍ରୀ ଏମ. ଯୋଗଜୟାନନ୍ଦ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚାଇ ଦେଇଥିଲେ ଯେ ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବନ ସଂରକ୍ଷଣ ସମିତି ଆବର୍ତ୍ତନ ପାଣ୍ଠିରୁ ବିଭିନ୍ନ ଆୟକାରୀ କାର୍ଯ୍ୟକଳାପ ପାଇଁ ଋଣ ନେଇ ସେମାନଙ୍କର ଜୀବିକା ନିର୍ବାହ ମାନ ବୃଦ୍ଧି କରିପାରିଛନ୍ତି । ଯୁଗ୍ମ ବନ ପରିଚାଳନା ଅଧୀନରେ ନିର୍ଦ୍ଧାରିତ ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରୁଛନ୍ତି, ଯାହାକି ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇପାରୁଛି ।






## ସଧାରଣ ଜ୍ଞାନ ପ୍ରଶ୍ନୋତ୍ତର-୧ ର ବିଜେତା

### ଭିଏସଏସ/ସ୍ୱୟଂ ସହାୟକ ଗୋଷ୍ଠୀ

**ସଭାପତି ଓ ପରିଚାଳନା କମିଟି, ଗୌରାଙ୍ଗ ବନ ସଂରକ୍ଷଣ ସମିତି, ମାଙ୍କୋ, ବିସ୍ରା କ୍ଷେତ୍ର ପରିଚାଳନା କେନ୍ଦ୍ର, ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ର**

### ବନ ଅଧିକାରୀ

**ବିଜୟ କୁମାର ନାୟକ,** ବରିଷ୍ଠ ଏଫଇଓ, ଫୁଲବାଣୀ ଖଣ୍ଡୀୟ ପରିଚାଳନା କେନ୍ଦ୍ର

### ସଧାରଣ ଜ୍ଞାନ ପ୍ରଶ୍ନୋତ୍ତର-୧ ର ଉତ୍ତର

| | | | | | | | |
|---|---|---|---|---|---|---|---|
| ୧. | ଗ | ୬. | ଘ | ୧୧. | ଗ | ୧୬. | କ |
| ୨. | ଖ | ୭. | ଗ | ୧୨. | କ | ୧୭. | ଖ |
| ୩. | ଖ | ୮. | ଗ | ୧୩. | ଘ | ୧୮. | କ |
| ୪. | ଘ | ୯. | କ | ୧୪. | ଖ | ୧୯. | ଘ |
| ୫. | କ | ୧୦. | ଘ | ୧୫. | ଘ | ୨୦. | ଗ |

ଆମ୍ଭେମାନେ ୧୫୦ରୁ ଅଧିକ ଉତ୍ତର ପାଇଛୁ । କିନ୍ତୁ କୌଣସି ବ୍ୟକ୍ତି ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରି ନ ଥିବାରୁ ସବୁଠାରୁ ଅଧିକ ସଠିକ୍ ଉତ୍ତର ଥିବା ପ୍ରବେଶିକାକୁ ପୁରସ୍କୃତ କରାଯାଇଛି । ପୁରସ୍କୃତ ରାଶି ଅତିଶୀଘ୍ର ସଂପୃକ୍ତ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟଙ୍କ ପାଖକୁ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପଠାଯିବ ।

## ବିଜେତାଙ୍କୁ ଅଭିନନ୍ଦନ


**OFSDP**
Orissa Forestry Sector Development Project

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ/ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

**ପ୍ରକାଶକ**

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି**
ଏସଏଫଟିଆରଆଇ ପରିସର ଘାଟିକିଆ, ଭୁବନେଶ୍ୱର - ୭୫୧ ୦୦୩
ଫୋନ : ୦୬୭୪-୨୩୮୪୦୧୬, ଫ୍ୟାକ୍ସ : ୦୬୭୪-୨୩୮୪୦୮୫
E-mail : webmail@ofsdp.org, http:\\www.ofsdp.org

**ସମ୍ପାଦକ ମଣ୍ଡଳୀ**

ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ୍ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ
ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ୍ ଏଫ୍), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

**ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ**
ଫୋନ : ୦୬୭୪-୨୫୪୪୨୦୯, E-mail : jyotigraphics@gmail.com




ପତିତ ଜଙ୍ଗଲର ପୁନରୁଦ୍ଧାର | ଉପକୂଳବର୍ତ୍ତୀ ବୃକ୍ଷରୋପଣ | ଗୋଷ୍ଠୀ/ଜନ ଜାତି ଉନ୍ନୟନ | ଜୈବବିବିଧତା ପରିଚାଳନା